ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/AgFE (Od)/1227/10-11-2023**

## ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ-୨୦୨୩
## ପୁଷ୍ଟିଶସ୍ୟର ଆଦୃତି ବୃଦ୍ଧି ନିମନ୍ତେ
## ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର ବିବିଧ ପରାମର୍ଶ

ଭୁବନେଶ୍ୱର, ୧୦/୧୧/୨୦୨୩

ପୁଷ୍ଟିଶସ୍ୟର ପ୍ରସାର ନିମନ୍ତେ ଓଡ଼ିଶା ମିଲେଟ ମିଶନ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗରେ ଖାଦ୍ୟ ବ୍ୟବସ୍ଥାର ରୂପାନ୍ତରଣର ମଡେଲ ପାଲଟିଛି । ରାଜ୍ୟର ୩୦ଟି ଜିଲ୍ଲାର ୧୭୭ଟି ବ୍ଲକ୍‌ରେ ଏବେ ମିଶନ ତା'ର କାର୍ଯ୍ୟକ୍ରମ ଜାରି ରଖିଛି । ରାଜ୍ୟରେ ପୁଷ୍ଟିଶସ୍ୟ ଉତ୍ପାଦନ, ପ୍ରତିଘରେ ଏହାର ବ୍ୟବହାର ଏବଂ ସର୍ବନିମ୍ନ ସହାୟକ ମୂଲ୍ୟରେ ଏହାର ମୂଲ୍ୟଯୁକ୍ତ ଚାହିଦା ବୃଦ୍ଧି ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର ଉପଲବ୍ଧି ସଂଗ୍ରହ ନିମନ୍ତେ ଆୟୋଜିତ ଏକ ଅଧିବେଶନରେ ବିଭିନ୍ନ ପ୍ରତିନିଧିମାନେ ମିଶନକୁ କେତେକ ନୀତିଗତ ସୁପାରିଶ ପ୍ରଦାନ କରିଛନ୍ତି ।

ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଆନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ଅନୁଷ୍ଠିତ ଏହି ଅଧିବେଶନରେ ଉତ୍ପାଦନ ବୃଦ୍ଧି ବ୍ୟବସ୍ଥା ଜରିଆରେ ପୁଷ୍ଟିଶସ୍ୟକୁ ପ୍ରୋତ୍ସାହନ, ଖାଦ୍ୟ ବ୍ୟବସ୍ଥାରେ ଏହାର ବ୍ୟବହାର, ଜନଜାତିଙ୍କ ଜୀବିକାର୍ଜନରେ ଏହାର ଉପଯୋଗ, ଜଳବାୟୁ ପ୍ରତିରୋଧି ପୁଷ୍ଟିଶସ୍ୟ ଚାଷ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସଂପୃକ୍ତ କରି ପୁଷ୍ଟିଶସ୍ୟର ବ୍ୟାପକ ପ୍ରସାର ଇତ୍ୟାଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଉପରୋକ୍ତ ପ୍ରସଙ୍ଗ ନେଇ କୋରାପୁଟର ପ୍ରଗତି ଅନୁଷ୍ଠାନ କର୍ତ୍ତୃକ ପ୍ରକାଶିତ ଏକ ପୁସ୍ତିକା ଉନ୍ମୋଚନ କରିଥିଲେ ।

ମିଲେଟ ଉତ୍ପାଦନ ବୃଦ୍ଧି ବ୍ୟବସ୍ଥା, ଧାଡିରୋପଣ, ପ୍ରାଥମିକ ପ୍ରକ୍ରିୟାକରଣ ଜରିଆରେ ଚାଷୀମାନଙ୍କ ଶ୍ରମ ହ୍ରାସ, ସୁଲଭ ମୂଲ୍ୟ ନିରୁପଣ, ପୁଷ୍ଟିଶସ୍ୟକୁ ମୂଲ୍ୟଯୁକ୍ତ କରିବା ଇତ୍ୟାଦି ପ୍ରସଙ୍ଗରେ ଆଲୋଚକମାନେ ବକ୍ତବ୍ୟ ରଖିଥିଲେ । ଓଡ଼ିଶା ମିଲେଟ ମିଶନର କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ପ୍ରତିନିଧିମାନେ କେତେକ ସୁପାରିଶ ଉପସ୍ଥାପନ କରିଥିଲେ । ଖାଦ୍ୟ ବ୍ୟବସ୍ଥା ଏବଂ ଜନଜାତିଙ୍କ ଜୀବିକାର୍ଜନରେ ପୁଷ୍ଟିଶସ୍ୟ ଉପଯୋଗ, ଜଳବାୟୁ ପ୍ରତିରୋଧି ପୁଷ୍ଟିଶସ୍ୟ ଚାଷ, ଜୈବବିବିଧତାର ସଂରକ୍ଷଣ, ଭୂମିପ୍ରଜାତିର ସୁରକ୍ଷା, ଏହାର ମୂଲ୍ୟଶୃଙ୍ଖଳ ଏବଂ ବିପଣନ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା କୃଷକ ଉତ୍ପାଦକ ସଂଗଠନଗୁଡ଼ିକର ସଶକ୍ତିକରଣ ଇତ୍ୟାଦି ପ୍ରସଙ୍ଗ ସୁପାରିଶଗୁଡ଼ିକରେ ରହିଛି ।

ସୂର୍ଯ୍ୟ ମିଶ୍ର
ସୂଚନା ଅଧିକାରୀ